# ପୌରପରିଷଦ କାର୍ଯ୍ୟାଳୟ ପାରଳାଖେମୁଣ୍ଡି, ଗଜପତି

ପତ୍ର ସଂ...୩୪୧୦୪...  ତା...୨୭/୧୧/୨୦୨୩...ରିଖ

ଏତଦ୍ ଦ୍ୱାରା ପାରଳାଖେମୁଣ୍ଡି ପୌରପରିଷଦର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଇଛି କି, ପାରଳାଖେମୁଣ୍ଡି ପୌରପରିଷଦର ହାଟପଦା ଛକ ଠାରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଅବଶିଷ୍ଟ ଦୋକାନ ଗୃହର ଆବଣ୍ଟନ ପାଇଁ ବନ୍ଦ ଲଫାପାରେ ଟେଣ୍ଡର ଗ୍ରହଣ କରାଯିବ । ଆଗ୍ରହୀ ବ୍ୟକ୍ତି ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ଆବେଦନ କରିପାରିବେ । ଏହାର ନିର୍ଦ୍ଧାରିତ ମୂଲ୍ୟ, ମାସିକ ଭଡା ଓ ଅମାନତ ରାଶି ଟଙ୍କାର ବିବରଣୀ ତଥା ଟେଣ୍ଡର ସର୍ତ୍ତାବାଳୀ ନିମ୍ନମତେ ଦିଆଗଲା ।

| ୨୪ ଗୋଟି ଦୋକାନ | | | | | | |
|---|---|---|---|---|---|---|
| କ୍ରମିକ ନଂ. | ଦୋକାନ ନଂ | ଦୋକାନ ଆକାର (ଆର୍ଗ ଫୁଟ) | ମୋଟ ଦୋକାନ | ନିର୍ଦ୍ଧାରିତ ସର୍ବନିମ୍ନ ମୂଲ୍ୟ ପ୍ରତ୍ୟେକ ପାଇଁ | ଅମାନତ ରାଶି ପ୍ରତ୍ୟେକ ପାଇଁ | ପ୍ରତ୍ୟେକ ଦୋକାନର ମାସିକ ଭଡା |
| ୧ | ୭, ୩୦ ଓ ୩୩ | ୧୦ଫୁଟ ୬ ଇଂଚ କୁ ୦୯ ଫୁଟ ୬ ଇଂଚ | ୦୩ | ୨,୨୮,୦୦୦/- ପ୍ରତ୍ୟେକ ଦୋକାନ ପାଇଁ | ୧୦,୦୦୦/- | ୧,୨୦୦/- |
| | | ମୋଟ | ୦୩ | | | |

## ସର୍ତ୍ତାବଳୀ

୧) ଆବେଦନକାରୀ ପାରଳାଖେମୁଣ୍ଡି ଅଧିବାସୀ ହୋଇଥିବେ ।

୨) ଟେଣ୍ଡରରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ନିର୍ଦ୍ଧାରିତ ତାରିଖ, ସ୍ଥାନ, ସମୟରେ ନିର୍ଦ୍ଧାରିତ ଆବେଦନ ଟ. ୧,୦୦୦/- (ଏକ ହଜାର ଟଙ୍କା ମାତ୍ର) ମୂଲ୍ୟ ଆବେଦନ ଫର୍ମ କାର୍ଯ୍ୟାଳୟରୁ କାର୍ଯ୍ୟାଳୟ ସମୟ ମଧ୍ୟରେ କ୍ରୟକରି ସେହି ଫର୍ମରେ ଆବେଦନ କରି ସଂପୃକ୍ତ ଦୋକାନ ଗୃହ ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ । ଟେଣ୍ଡର ଦାଖଲ କାରି ନିର୍ଦ୍ଧାରିତ ଦୋକାନର ଅମାନତ ରାଶି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଦ୍ୱାରା ଜମା କରିବେ । ଅନ୍ୟଥା ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ନାହିଁ ଏବଂ ତାଙ୍କ ଟେଣ୍ଡର ମୂଲ୍ୟକୁ ଅସିଦ୍ଧ ଘୋଷଣା କରାଯିବ ।

୩) ଯାହାଙ୍କ ସପକ୍ଷରେ ସର୍ବୋଚ୍ଚ ଟେଣ୍ଡର ସିଦ୍ଧ ହେବ, ତାଙ୍କୁ ଦୋକାନ ଗୃହ ଆବଣ୍ଟନ କରିବାରେ ପ୍ରଥମ ସୁଯୋଗ ଦିଆଯିବ । ସେ ଉକ୍ତ ଟେଣ୍ଡର ପୂର୍ଣ୍ଣ ରାଶି ଏକକାଳିନ ଦାଖଲ କରିବେ । ନଚେତ ତାଙ୍କ ଅମାନତ ରାଶି ବ୍ୟାଜାପ୍ତି କରାଯାଇ ପରବର୍ତ୍ତି ସର୍ବୋଚ୍ଚ ଟେଣ୍ଡର ଦର ଦାଖଲ କାରି ବ୍ୟକ୍ତିଙ୍କୁ ଆବଣ୍ଟନ କରାଯିବ । ନଚେତ ଉକ୍ତ ଦୋକନର ପୁନର୍ବାର ଟେଣ୍ଡର କରାଯିବ ।

୪) ନିମ୍ନ ସ୍ୱାକ୍ଷର କାରୀ ଯେକୌଣସି ଟେଣ୍ଡର ଓ ଆବଣ୍ଟନ ବାବଦରେ ଚୁଡାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ ।

୫) ଟେଣ୍ଡର ପାଇଥିବା ବ୍ୟକ୍ତି ତାଙ୍କର ପୈଠ ଜମାକରିବା ପାଇଁ ଚୁକ୍ତି ନାମା କରିବେ । ଚୁକ୍ତିନାମାରେ ଥିବା ସର୍ତ୍ତାବଳୀ ଅନୁଯାଇ କାର୍ଯ୍ୟକରିବେ ।

୬) ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ ।

୭) ଜଣେ ବ୍ୟକ୍ତି କେବଳ ଗୋଟିଏ ମାତ୍ର ଦୋକାନ ନେଇପାରିବେ ।

୮) ଟେଣ୍ଡରରେ ପାଇଥିବା ବ୍ୟକ୍ତି ଉକ୍ତ ଗୃହରେ କୌଣସି ପ୍ରକାର ନିର୍ମାଣ ସମନ୍ଧୀୟ ପରିବର୍ତ୍ତନ କରିପାରିବେ ନାହିଁ ।

୯) ଟେଣ୍ଡର ପାଇଥିବା ବ୍ୟକ୍ତି ଅନ୍ୟ କୌଣସି ବ୍ୟକ୍ତିଙ୍କୁ ସବଲେଟ୍ ଦେଇପାରିବେ ନାହିଁ ।

୧୦) କୌଣସି ଟେଣ୍ଡରଧାରୀ ସର୍ବସାଧାରଣ ଅଞ୍ଚଳରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିନା ଅନୁମତିରେ ବିଜ୍ଞାପନ ଫଳକ ଲଗାଇପାରିବ ନାହିଁ ।

୧୧) ଯଦି କୌଣସି ଦୋକାନୀ ପ୍ରତି ମାସରେ ଦୋକାନ ଭଡା ସେହି ମାସର ଅନ୍ତୀମ ଦୀବସରେ ପୈଠ ନକରନ୍ତି ତା ପର ମାସରେ ଶତକଡା ୧୦ ଭାଗ ଜରିମନା ଦେବାକୁ ହେବେ । ଏହା ଲଗାତାର ୬ ମାସ ଯାଏଁ ପ୍ରଯୁଜ୍ୟ ରହିବ , ତା ପରେ ଅସମର୍ଥ ହେଲେ ଜମାଥିବା ରାଶି ଅସିଦ୍ଧ ସହ ଆବଣ୍ଟନ ରଦ୍ଦ ହେବ ।

୧୨) ଦୋକାନ ଗୃହ ମଧ୍ୟରେ କୌଣସି ପ୍ରକାର ଖାଦ୍ୟ ଜିନିଷ ରୋଷେଇ କରିପାରିବେ ନାହିଁ ।

୧୩) ପ୍ରତି ଏଗାର ମାସରେ ଲିଜ୍ ନବିକରଣ ହେବ ଏବଂ ୫ ପ୍ରତିଶତ ଭଡା ବୃଦ୍ଧି କରାଯିବ ।

୧୪) ଯେଉଁ ବ୍ୟକ୍ତି ନିର୍ଦ୍ଧାରିତ ସର୍ବନିମ୍ନ ମୂଲ୍ୟ ଠାରୁ କମ୍ ଦର ଦେବ ତାଙ୍କର ଟେଣ୍ଡର ଅସିଦ୍ଧ ଘୋଷଣା କରାଯିବା ସହିତ ଅମନାତ ରାଶି ବ୍ୟାଜାପ୍ତି ହୋଇଯିବ ।

୧୫) ଆବେଦନକାରୀଙ୍କର ଭୋଟ ପରିଚୟ ପତ୍ର, ଆଧାର କାର୍ଡ ଏବଂ ବିଦ୍ୟୁତ ବିଲ୍ ଥିବା ଆବଶ୍ୟକ ।

୧୬) ଆବେଦନ କାରୀଙ୍କର ସପକ୍ଷରେ ପୌରାଞ୍ଚଳ ତରଫରୁ କୌଣସି ଦୋକାନ ଗୃହ ପୂର୍ବରୁ ଆବଣ୍ଟନ ହୋଇନଥିବ । (ଆତ୍ମ ଘୋଷଣା) ।

୧୭) ଅସଫଳ ଟେଣ୍ଡର ଆବେଦନକାରିଙ୍କ ଅମାନତ ରାଶି ଆବଣ୍ଟନ ପ୍ରକ୍ରିୟା ସମାପନର ଏକ ମାସ ମଧ୍ୟରେ ଫେରସ୍ତ ପାଇବେ ।

୧୮) କାର୍ଯ୍ୟନିର୍ବାହୀ ଅଧିକାରୀ ଯେ କୌଣସି କିମ୍ବା ସମସ୍ତ ଟେଣ୍ଡର ବାତିଲ କରିବାର କ୍ଷମତା ସଂରକ୍ଷଣ କରନ୍ତି ।

୧୯) ଜଣେ ଆବେଦନକାରୀ ସର୍ବୋଚ୍ଚ ଦୁଇଟି ଦୋକାନ ଗୃହ ପାଇଁ ଆବେଦନ କରିପାରିବେ, ଯଦି ସିଦ୍ଧ ହୁଅନ୍ତି ତାଙ୍କ ଇଚ୍ଛା ମୁତାବକ କେବଳ ଗୋଟିଏ ଦୋକାନ ଗୃହ ଆବଣ୍ଟନ କରାଯିବ ।

୨୦) ଟେଣ୍ଡର ସମ୍ବନ୍ଧୀୟ ତଥ୍ୟ ପୌରପାଳିକା କାର୍ଯ୍ୟାଳୟରେ ନିମ୍ନ କାର୍ଯ୍ୟସୂଚୀ ଅନୁଯାଇ ମିଳିପାରିବ ।

୨୧) ଆବେଦନକାରୀଙ୍କ ନାମରେ କିମ୍ବା ତାଙ୍କ ପିତା/ ମାତାଙ୍କ ନାମରେ ପୈଠ ହୋଇଥିବା ୨୦୨୨-୨୩ ମସିହାର ଘର ଟିକସ ରସିଦର ନକଲ ଦାଖଲ କରିବେ ।

**୨୨) ଟେଣ୍ଡର କାର୍ଯ୍ୟସୂଚୀ -**

କ) ତା.୨୨.୧୧.୨୦୨୩ ରିଖ ୧୦.୩୦ ଘଣ୍ଟା ଠାରୁ ତା. ୦୪.୧୨.୨୦୨୩ରିଖ ଦିନ ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ ଟେଣ୍ଡର ପେପର ବିକ୍ରୟ କରାଯିବ ।

ଖ) ତା.୦୬.୧୨.୨୦୨୩ ରିଖ ଅପରାହ୍ନ ୩.୦୦ ଘଣ୍ଟା ମଧ୍ୟରେ (ରେଜିଷ୍ଟର ପୋଷ୍ଟ କିମ୍ବା ସ୍ପିଡ ପୋଷ୍ଟ) ଜରିଆରେ ଟେଣ୍ଡର ପେପର ପହଞ୍ଚିବା ଆବଶ୍ୟକ ।

ଗ) ତା. ୦୬.୧୨.୨୦୨୩ରିଖ ଦିନ ଅପରାହ୍ନ ୪.୦୦ ଘଣ୍ଟା ସମୟରେ ଟେଣ୍ଡର ଖୋଲାଯିବ ।

କାର୍ଯ୍ୟନିର୍ବାହୀ ଅଧିକାରୀ
ପାରଳାଖେମୁଣ୍ଡି ପୌରପରିଷଦ

ପରିପତ୍ର ସଂ. ୩୪୧୦୫ ତା. ୨୧/୧୧/୨୦୨୩

ଏହାର ଏକକିତା ନକଲ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇବା ପାଇଁ ପ୍ରେରଣ କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ,
ପୌରପରିଷଦ ପାରଳାଖେମୁଣ୍ଡି

ପରିପତ୍ର ସଂ. ୩୪୧୦୬ ତା. ୨୧/୧୧/୨୦୨୩

ଏହାର ଏକକିତା ନକଲ ଜିଲ୍ଲାପାଳ, ଗଜପତି / ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଗଜପତି / ଉପଜିଲ୍ଲାପାଳ ପାରଳାଖେମୁଣ୍ଡି / ତହସିଲଦାର ପାରଳାଖେମୁଣ୍ଡି / ସହକାରୀ ଯନ୍ତ୍ରୀ ଟାଉନ ପ୍ଲାନିଙ୍ଗ ୟୁନିଟ, ପାରଳାଖେମୁଣ୍ଡିଙ୍କ ଗୋଚରାର୍ଥେ ପ୍ରେରଣ କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ,
ପୌରପରିଷଦ ପାରଳାଖେମୁଣ୍ଡି

ପରିପତ୍ର ସଂ. ୩୪୧୦୭ ତା. ୨୧/୧୧/୨୦୨୩

ଏହାର ଏକକିତା ନକଲ ଡି.ଆଇ.ଓ-ଏନ୍.ଆଇ.ସି. ଗଜପତିଙ୍କୁ ପ୍ରେରଣ କରାଗଲା । ଅନୁରୋଧ କରାଗଲା ଯେ ଏହି ବିଜ୍ଞାପନକୁ ପ୍ରକାଶ କରିବାହେବେ ।

କାର୍ଯ୍ୟନିର୍ବାହୀ ଅଧିକାରୀ,
ପୌରପରିଷଦ ପାରଳାଖେମୁଣ୍ଡି